## ଘର ଉପରେ ଟ୍ରକ ମାଡ଼ିଯିବାରୁ କ୍ଷୟକ୍ଷତି ଅଭିଯୋଗ

ଖଇରା, (ଉତ୍କଳବନ୍ଧୁ ପଣ୍ଡା)-ବାଲେଶ୍ୱର ଜିଲା ଅଧୀନ ବଡପୋଖରୀ -ତୁଡିଗଡିଆ ରାସ୍ତାର ଖଇରା ଥାନା ଅଧୀନ ଡାଲଙ୍ଗ ଗ୍ରାମ ନିକଟରେ ଏକ ଟ୍ରକ ୨ ଘର ଉପରେ ମାଡ଼ିଯିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ ଘର ମାଲିକ ଗିରିଧାରୀ ସାହୁ ଓ ଅଶୋକ କୁମାର ସାହୁ ଅଭିଯୋଗ କରିଛନ୍ତି । ସେପଟେ ଗ୍ରାମର କିଛି ଯୁବକ ଗାଡି ଅଟକାଇ ଟଙ୍କା ମାଗୁଥିଲେ । ପଥର ଫିଙ୍ଗି ଗାଡି କାଚ ଭାଙ୍ଗି ଦେଇଥିଲେ । ଆଖିରେ କାଚ ବାଜିବାରୁ ନିୟନ୍ତ୍ରଣ ହରାଇ ରାସ୍ତାକଡକୁ ଗାଡି ପଳାଇଥିବା ଉକ୍ତ ଟ୍ରକ ଡ୍ରାଇଭର ମାଣିକେଶ୍ୱର ହେମ୍ବ୍ରମ ଖଇରା ଥାନାରେ ପାଲଟା ଅଭିଯୋଗ କରିଛନ୍ତି ।

**ସଂକ୍ଷେପରେ**

## ଟ୍ରେନ ଦୁର୍ଘଟଣା: ୨ ଯୁବକ ମୃତ

ବସ୍ତା(ହରିଶଙ୍କର ପାଢ଼ୀ) / ଜଳେଶ୍ୱର (ରବିନାରାୟଣ ପାତ୍ର), ୨୬।୧୦- ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ଟ୍ରେନରେ କଟି ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ବସ୍ତା ଷ୍ଟେଶନ ନିକଟରେ ଗୁରୁବାର ସକାଳେ ଟ୍ରେନ୍‌ରେ କଟି ଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଖଡଗ୍‌ପୁରରୁ ବାଲେଶ୍ୱର ଯାଇଥିବା ଦକ୍ଷିଣପୂର୍ବ ରେଳପଥରୁ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜିଆରପି ଉଦ୍ଧାର କରିଛି ।

ବସ୍ତା ଥାନା କରଞ୍ଜିଆ ଗ୍ରାମର ଡଗରା ରାମଙ୍କ ପୁଅ ଅତୁଲ୍ୟ (୪୦) ରେଳ ଧାରଣା ଅତିକ୍ରମ କରୁଥିବା ବେଳେ ଖଡ଼ଗପୁର-ଖୋର୍ଦ୍ଧା ରୋଡ଼ ଟ୍ରେନ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ସେ, ତାଙ୍କ ସ୍ତ୍ରୀ ଓ ଦେଢ଼ ବର୍ଷର ପୁଅ ପୂଜା ଅବସରରେ ନିଜ ଶ୍ୱଶୁର ଘର ରଣାମୁଣ୍ଡଳୀ ବୁଲି ଆସିଥିଲେ । ରେଳବାଇ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି । ସେହିପରି ଅନ୍ୟ ଏକ ଦୁର୍ଘଟଣା ଜଳେଶ୍ୱର ନିକଟ ବଳରାମପୁର ନିକଟରେ ଘଟିଛି । ମୃତକ ହେଲେ ସେହି ଗାଁର ଜ୍ଞାନରଞ୍ଜନ ଭୂୟାଁ(୪୫) । ଜିଆରପି ଶବ ଜବତ କରି ଏକ ମାମଲା(ନଂ. ୧୦୭/୨୩) ରୁଜୁ କରିଛି ।

## ୨ ବାଇକ୍ ଧକ୍କା, ଯୁବକ ମୃତ

ଧାମନଗର,୨୬।୧୦(ସନ୍ତୋଷ କୁମାର ମହାପାତ୍ର)-ଯାଜପୁର ଜିଲା ବିଞ୍ଝାରପୁର ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ଭଦ୍ରକ ଜିଲା ଧାମନଗର ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ କଲ୍ୟାଣୀ ଗ୍ରାମର ଭାସ୍କର ବେହେରାଙ୍କ ପୁଅ ନୀଳକଣ୍ଠ(୩୧) । ଉକ୍ତ ଗ୍ରାମର ରୁଦ୍ରନାରାୟଣ ସାହୁ(୨୩) ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ନୀଳକଣ୍ଠ ଓ ରୁଦ୍ରନାରାୟଣ ମଙ୍ଗଳବାର କୌଣସି ଏକ କାମରେ ଯାଜପୁର ଯାଇ ଫେରୁଥିବା ବେଳେ ବିଞ୍ଝାରପୁର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ବାଇକ୍ ସହ ଧକ୍କା ହୋଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ନୀଳକଣ୍ଠ ଓ ରୁଦ୍ରନାରାୟଣଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରୁ ନୀଳକଣ୍ଠଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୁଧବାର ସନ୍ଧ୍ୟାରେ ମରଶରୀର ଗାଁକୁ ଅଣାଯାଇ ଶେଷକୃତ୍ୟ କରାଯାଇଥିଲା । ତାଙ୍କର ୭ମାସର ଝିଅ ଓ ସାନଭାଇ ଉଭୟ ଦିବ୍ୟାଙ୍ଗ ହୋଇଥିବା ବେଳେ ରୋଜଗାରକ୍ଷମ ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି । ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମୃତ ନୀଳକଣ୍ଠଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ।

## ବାସୁଦେବପୁରରେ ନୂତନ ବିଡିଓ


ସଞ୍ଜୀବ କୁମାର ସାହୁ

ବାସୁଦେବପୁର, ୨୬।୧୦(ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ନୂତନ ବିଡିଓ ଭାବେ ସଞ୍ଜୀବ କୁମାର ସାହୁ ଗୁରୁବାର ଯୋଗ ଦେଇଛନ୍ତି । ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳଙ୍କ ସମେତ ବ୍ଲକ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପୂର୍ବତନ ସରପଞ୍ଚ ଭାଗୀରଥି ବଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ସ୍ୱାଗତ ଜଣାଇଥିଲେ । ସେ ବୈପାରିଗୁଡ଼ା ତହସିଲରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ । ଭାରତୀୟ ବାୟୁସେନାରେ ସେ ୧୯୯୫ରୁ ୨୦୧୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବା ବେଳେ ୨୦୧୭ରେ ପ୍ରଶାସନିକ ସେବାରେ ଯୋଗଦେଇ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରିଆସୁଥିଲେ । ସରକାରୀ ଯୋଜନାକୁ ସଫଳତାର ସହ କାର୍ଯ୍ୟ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ବିଡିଓ କହିଛନ୍ତି ।

# ବେଆଇନ ପାଣି ଫ୍ୟାକ୍ଟ୍ରି ସିଲ୍

**ଖାଦ୍ୟ ନିରାପତ୍ତା ଟିମ୍‌ର ଚଢ଼ାଉ**

ରୂପସା, ୨୬।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ୍ ତାଡ଼ଦା ପଞ୍ଚାୟତ ଅଧୀନ ଶାସନ ଗ୍ରାମରେ ଥିବା ବେଆଇନ ପାଣି ଫ୍ୟାକ୍ଟ୍ରି ଉପରେ ଗୁରୁବାର ଖାଦ୍ୟ ନିରାପତ୍ତା ଟିମ୍ ପକ୍ଷରୁ ଚଢାଉ କରାଯାଇଛି । ଯାଞ୍ଚ ପରେ ଫ୍ୟାକ୍ଟ୍ରିକୁ ସିଲ୍ କରାଯାଇଛି । ଦୀର୍ଘଦିନ ଧରି ଏହି ଫ୍ୟାକ୍ଟ୍ରି ମାଲିକ ବେଆଇନ ଭାବେ ବିନା ପ୍ୟାକିଂ ଓ ଏକ୍ସପାଏରୀ ତାରିଖ କିମ୍ବା କୌଣସି ସରକାରୀ ସ୍ୱୀକୃତି ନ ଥାଇ ପ୍ଲାଷ୍ଟିକ ଡ୍ରମ ଓ ବୋତଲରେ ବିଶୁଦ୍ଧ ପାନୀୟଜଳ ଦର୍ଶାଇ ବ୍ୟବସାୟ ଚଳାଇଥିଲେ । ବସ୍ତା, ବାଲିଆପାଳ, ଜଳେଶ୍ୱର ଆଦି ଅଞ୍ଚଳରେ ପାଣି ବିକ୍ରି ହୋଇଆସୁଥିଲା । ପୂର୍ବରୁ ଖାଦ୍ୟ ନିରାପତ୍ତା ଟିମ୍ ପକ୍ଷରୁ ପାଣି ବଟଲିଂ କମ୍ପାନୀ ମାଲିକ ସୁଶୀଲ କୁମାର ପ୍ରଧାନଙ୍କୁ ବାରମ୍ବାର ନୋଟିସ୍ ଜାରି କରାଯାଇଥିଲା । ମାତ୍ର ଖାଦ୍ୟ ନିରାପତ୍ତା ବିଭାଗକୁ କୌଣସି ନୋଟିସର ଜବାବ ନ ଦେଇ ସେ ପାଣି ପ୍ୟାକିଂ ଓ ସପ୍ଲାଏ କରୁଥିଲେ ।


ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଫ୍ୟାକ୍ଟ୍ରିକୁ ସିଲ କରାଯାଇଛି ।

ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଗୁରୁବାର ମାଜିଷ୍ଟ୍ରେଟ ଭାବେ ବସ୍ତା ତହସିଲଦାର ରଧାରଞ୍ଜନ ଦାସ, ବସ୍ତା ପୋଲିସଙ୍କ ଉପସ୍ଥିତିରେ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ଖାଦ୍ୟ ନିରାପତ୍ତା ଅଧିକାରିଣୀ ଅନୁଶ୍ରୀ ଖଟୁଆ, ଜଳେଶ୍ୱର ଖାଦ୍ୟ ନିରାପତ୍ତା ଅଧିକାରୀ ଶଶିକାନ୍ତ ବେହେରାଙ୍କ ସମେତ ହେଲଥ ସୁପରଭାଇଜର ଗଦାଧର ବେହେରା, ରାଜସ୍ୱ ପରିଦର୍ଶକ ସୁଶାନ୍ତ ମଙ୍ଗଳ, ଗୁଡ଼ିଖାଳ ରାଜସ୍ୱ ନିରୀକ୍ଷକ ଦିନବନ୍ଧୁ କିସ୍କୁ ପ୍ରମୁଖ ଉପସ୍ଥିତ ରହି ବେଆଇନ ପାଣି ଫ୍ୟାକ୍ଟ୍ରିକୁ ସିଲ୍ କରିଥିଲେ । ଖାଦ୍ୟ ନିରାପତ୍ତା ଲାଇସେନ୍ସ, ପିଓରିଟି ରିପୋର୍ଟ, କେମିକାଲ ରିପୋର୍ଟ ସହିତ ଅନ୍ୟାନ୍ୟ ଆବଶ୍ୟକ ଡକ୍ୟୁମେଣ୍ଟ ନ ହେବା ଯାଏ ପ୍ଲାଣ୍ଟକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାର ବ୍ୟତିକ୍ରମ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସମ୍ପୃକ୍ତ ପ୍ଲାଣ୍ଟ ପରିଚାଳକ ପ୍ରଧାନଙ୍କୁ ଚେତାବନୀ ଦିଆଯାଇଛି ।

## ପାଟଣାରେ ରାବଣ ଦହନ ଉତ୍ସବ

ପାଟଣା,୨୬।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଷ୍ଟାଡ଼ିୟମ ପଡ଼ିଆରେ ମଙ୍ଗଳବାର ବିଜୟା ଦଶମୀ ଅବସରରେ ରାବଣ ପୋଡି(ଦହନ) ଉତ୍ସବ ପାଟଣା ରାବଣ ପୋଡ଼ି କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟାଳୟ ଷ୍ଟାଡ଼ିୟମରେ ଆୟୋଜିତ ରାବଣ ପୋଡ଼ି ଉତ୍ସବରେ ଶ୍ରୀ ରାମ, ଲକ୍ଷ୍ମଣ ଓ ହନୁମାନ ବେଶରେ କୁନିକୁନି ପିଲା ପହଞ୍ଚି ଥିଲେ । ରାବଣ ପୋଡ଼ି କମିଟି ତରଫରୁ ୩୦ ଫୁଟ୍ ଉଚ୍ଚର ରାବଣକୁ ପୋଡ଼ାଯାଇଥିଲା । ପାଟଣା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ କେନ୍ଦୁଝର ନୃତ୍ୟଗୁରୁ ଗୁରୁ ଦାସ ଡ୍ୟାନ୍ସ ଗ୍ରୁପ ତରଫରୁ ନୃତ୍ୟ ପରିବେଷଣ ହୋଇଥିଲା । କମିଟିର ବିଜୟ ରତ୍ନ ପତିଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ



ଯୋଗଦେଇ ପ୍ରତ୍ୟକ ବ୍ୟକ୍ତି ନିଜ ନିଜ ମଧ୍ୟରେ ଥିବା ରାବଣକୁ ମାରିବା ପାଇଁ ଏହି ପବିତ୍ର ସାଂସ୍କୃତିକ ପର୍ବର ମହତ୍ୱ ରଖେ ବୋଲି କହିଥିଲେ । ମୁଖ୍ୟ ବକ୍ତାଭାବେ ସାମଜିକକର୍ମୀ ଅରୁଣ ମିଶ୍ର, ସମ୍ମାନିତ ଅତିଥିଭାବେ ପାଟଣା ଥାନା ଅଧିକାରୀ, ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ବିଜେଡି ବ୍ଲକ୍ ସଭାପତି ମାଧବା ନନ୍ଦ ପୃଷ୍ଟି, ସାମାଜିକକର୍ମୀ ଅଜୟ ଦାଶ ପ୍ରମୁଖ ଯୋଗଦେଇଥିଲେ ।

## 'ଜୀବନ ଓ ସମାଜକୁ ରାହା ଦେଖାଏ ସାହିତ୍ୟ'



ଶାରଦୀୟ ସାହିତ୍ୟ ଆସରରେ ଉପସ୍ଥିତ ଅତିଥିମାନେ ।

ଭଣ୍ଡାରିପୋଖରୀ,୨୬।୧୦ (ରବିନାରାୟଣ ଖିଲାର)

ସାହିତ୍ୟ ମାନବୀୟ ଚେତନା ସୃଷ୍ଟି କରେ । ଜୀବନ ଓ ସମାଜକୁ ସାହିତ୍ୟ ରାହା ଦେଖାଇଥାଏ ବୋଲି ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ଶାରଦୀୟ ଆସରରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିର ପରିସରରେ ମହାନବମୀ ଅବସରରେ ଅନୁଷ୍ଠିତ ଶାରଦୀୟ ଆସର କାର୍ଯ୍ୟକ୍ରମକୁ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା. କ୍ଷୀରୋଦ କୁମାର ସାମଲ ଉଦ୍‌ଘାଟନ କରିଥିଲେ । ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ରଙ୍କ ସଞ୍ଚାଳନାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବାଲେଶ୍ୱର ଜିଲାପାଳ ରମେଶ କୁମାର ରାଉତ, ଧାମନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁରଞ୍ଜନ ପଣ୍ଡା, ସଂସଦର ସଭାପତି ତଥା ପାରାଦୀପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡା. ସୁରେନ୍ଦ୍ର ମୋହନ ମିଶ୍ର, ସାହିତ୍ୟିକ ରତିକାନ୍ତ ବେହେରା, ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ ରାଉତ ଅତିଥି ଓ ବକ୍ତା ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ, ଶାରଦୀୟ ଉତ୍ସବ ସମ୍ପର୍କରେ କହିଥିଲେ । ଏହି ଅବସରରେ ସଞ୍ଜୟ ନନ୍ଦ ଓ ପ୍ରୀତିପଦ୍ମା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁରଲୀଧର ଦାସ, ପ୍ରାଣକୃଷ୍ଣ ସାହୁ, ରତ୍ନମଞ୍ଜରୀ ପଣ୍ଡା, ଗୁରୁଚରଣ ସାହୁ, ଜୟଦେବ ସେନାପତି, ଜଗନ୍ନାଥ ସାମଲ, ଜଗନ୍ନାଥ ପଣ୍ଡା, ଭରତ କରଣ, ଗୋଲକ ମହାନ୍ତି, ରୀନାରାଣୀ ପଣ୍ଡା, ରମାକାନ୍ତ ବେହେରା, ନଟବର ରାଉଳ, ଜ୍ୟୋତ୍ସ୍ନାରାଣୀ ସେନାପତି ପ୍ରମୁଖ କବିତା ପାଠ କରିଥିଲେ । ସାହିତ୍ୟ ସଂସଦର ସମ୍ପାଦକ ପବନ ନାୟକ ଅତିଥି ପରିଚୟ, ଉପସଭାପତି ଅଧ୍ୟାପକ ଅନାଦି ସାହୁ ସ୍ୱାଗତ ଭାଷଣ ଓ ଗୁରୁଚରଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ ଡ. ସୁରେନ୍ଦ୍ର ମୋହନ ମିଶ୍ର ଓ ଜାତୀୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଶଶିଶେଖର କରଶର୍ମାଙ୍କୁ ବନ୍ଦେ ଉତ୍କଳ ସାମାଜିକ ସଙ୍ଗଠନ ପକ୍ଷରୁ ଆଇନଜୀବୀ ସୁଧାଂଶୁ ଶେଖର ନାୟକଙ୍କ ସଂଯୋଜନାରେ ଅତିଥିମାନେ ସମ୍ବର୍ଦ୍ଧନା ଜଣାଇଥିଲେ ।

## ନୀଳଗିରିରେ ରାବଣପୋଡି ଉତ୍ସବ

ନୀଳଗିରି, ୨୬।୧୦(ପ୍ରଶାନ୍ତ ବିଶ୍ୱାଳ)

ବିଜୟାଦଶମୀ ଅବସରରେ ବାଲେଶ୍ୱର ଜିଲା ନୀଳଗିରି ଷ୍ଟାଡ଼ିୟମ ପଡ଼ିଆ ପରିସରରେ ୩୬ତମ ରାବଣ ପୋଡ଼ି ଉତ୍ସବ ପୂର୍ବତନ ବିଧାୟକ ତଥା ରାବଣପୋଡ଼ି କମିଟି ସଭାପତି ଅକ୍ଷୟ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଯୋଗଦେଇ ରାବଣପୋଡ଼ି ଉତ୍ସବ ଏକ ପର୍ବ ନୁହେଁ, ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି, କଂଗ୍ରେସ ଜିଲା ଅଧକ୍ଷ ବିକାଶ ଦାସ, ସାମାଜିକ କର୍ମୀ ସଦାଶିବ ରଥ ପ୍ରମୁଖ ଯୋଗଦେଇ ରାବଣ ପୋଡ଼ିର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ରାବଣପୋଡ଼ି କମିଟିର ସମ୍ପାଦକ ଦୈତାରୀ ମହାଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶ୍ୱନାଥ ଦାସ ମଞ୍ଚ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ପରେ ମୁଖ୍ୟଅତିଥି ରାବଣ ଦେହରେ ଅଗ୍ନିସଂଯୋଗ କରିଥିଲେ । ଏହାକୁ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା ।

## ରାଜସ୍ୱ ବିଭାଗ ପକ୍ଷରୁ ସମୀକ୍ଷା

**ଜୁଆଙ୍ଗ ଆବାସସ୍ଥଳୀ ଅଧିକାର ପ୍ରସଙ୍ଗ**

କେନ୍ଦୁଝର,୨୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍‌ର ସାତ ଖଣ୍ଡିଆ ପିଢ଼ର ଏଗାର ଗୋଟି ଜୁଆଙ୍ଗ ଗ୍ରାମରେ ଆବାସ ସ୍ଥଳି ଅଧିକାରୀ ସମସ୍ୟା ନେଇ ବୁଧବାର, ଗୁରୁବାର ଦୁଇ ଦିନ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପାରମ୍ପରିକ ମୁଖିଆ ଓ ଗୋନାସିକା ସରପଞ୍ଚ ଜେମାମଣି ଜୁଆଙ୍ଗ, ସମିତି ସଭ୍ୟ କୃଷ୍ଣ ଜୁଆଙ୍ଗଙ୍କ ଉପସ୍ଥିତି ଥିଲେ । ଜୁଆଙ୍ଗ ଜନଜାତି ସଭାପତି ଲକ୍ଷ୍ମୀ ଜୁଆଙ୍ଗଙ୍କ ସଭାପତିତ୍ୱରେ ୫୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଯୋଗଦାନ କରିଥିଲେ । ପିଢ଼ର ମୂରବୀମାନେ ଅକ୍ଟୋବର ୩ରେ କେନ୍ଦୁଝର ଉପ ଜିଲାପାଳଙ୍କୁ ଭେଟି ଜୁଆଙ୍କ ଗ୍ରାମ ଗୁଡ଼ିକୁ ଆବାସ ସ୍ଥଳ ପଟ୍ଟା ପ୍ରଦାନ ପାଇଁ ଦାବିପତ୍ର ଦାଖଲ କରିଥିଲେ । ଅଭିଯୋଗ ଆଧାରରେ ବାଂଶପାଳ ତହସିଲରୁ ଅମିନ ପ୍ରକାଶ ରାଉତ ଓ ସୁରେନ୍ଦ୍ର ଦାସ ଗ୍ରାମ ମୁଖିଆଙ୍କ ଆଗରେ ମ୍ୟାପ ଗୁଡ଼ିକୁ ଦେଖାଇ ଲୋକଙ୍କ ଦାବି ଗୁଡ଼ିକୁ ବୁଝିଥିଲେ । ଗୁରୁବାର କାଠୁଆପିଢ଼ର ୨୮ ଗ୍ରାମର ଜୁଆଙ୍ଗ ପ୍ରତିନିଧିଙ୍କୁ ନେଇ ବୈଠକ ବସିଥିଲା । ଏଥିରେ ପିଢ଼ର ସର୍ଦ୍ଦାର ପୂର୍ଣ୍ଣଚନ୍ଦ୍ର ଜୁଆଙ୍ଗ, ବେଣୁଧର ଜୁଆଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ଜଳ ଚମ୍ପେଇ, ଉପର ଚମ୍ପେଇ, ଟାଙ୍ଗରପଡ଼ା, ଦୁଆରଶୁଣି, ତୋରାଣିପାଣି, ତଳ ସୁମଠ ଆଦି ଜୁଆଙ୍ଗ ଗ୍ରାମର ପ୍ରତିନିଧି ଉପସ୍ଥିତ ଥିଲେ । ଆରସିଡ଼ିସି ସଂଗଠନର ଆନନ୍ଦ ସେଠୀ, ବନବାସୀ ଚେତନା ମଣ୍ଡଳ ବୀରବର ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


ଅମିନ ନକ୍ସା ଦେଖି ଗ୍ରାମବାସୀଙ୍କ ଅଭିଯୋଗ ଶୁଣୁଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବଛାତ୍ର ସମ୍ମିଳନୀ

ଯୋଡ଼ା,୨୬।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବିଲେଇପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବଛାତ୍ର ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବଡ଼ବିଲ କଲେଜର ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଗୋଲକ ବିହାରୀ ଗିରି ଯୋଗଦେଇ ପୂର୍ବ ଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ଗଠନ ସମ୍ବନ୍ଧରେ ମାର୍ଗ ଦର୍ଶନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଲୀନା ମଲ୍ଲ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ସମୁଦାୟ ୪୫ ଛାତ୍ର ଉପସ୍ଥିତ ଥିଲେ । ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଆଚାର୍ଯ୍ୟା ଉମାମଣି ତ୍ରିପାଠୀ ଛାତ୍ରମାନଙ୍କୁ ମାର୍ଗ ଦର୍ଶନ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।


ପୂର୍ବଛାତ୍ରଙ୍କ ଗହଣରେ ଗୁରୁମା ଓ ଗୁରୁଜୀ ।

## ହଳଦୀପଦା ଷ୍ଟେଶନରେ ଅଟକିବ ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ୍

ବାଲେଶ୍ୱର, ୨୬।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ହଳଦୀପଦା ରେଳଷ୍ଟେଶନରେ ଅଟକିବ ୧୨୮୯୧/୧୨୮୯୨ ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ । ଏନେଇ ରେଲୱେ ବୋର୍ଡର ଉପନିର୍ଦ୍ଦେଶକ ରାଜେଶ କୁମାର ଏକ ଚିଠି (ସିସି ନଂ-୨୯୧/୨୦୨୩)ରେ ନିର୍ଦ୍ଦେଶ ଜାରି କରିଛନ୍ତି । ହଳଦୀପଦା ଷ୍ଟେଶନରେ ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ ଟ୍ରେନ୍ ରହଣି ନେଇ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା । ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଲିଖିତ ଜଣାଇ ଥିବା ବେଳେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ଅନୁରୂପ ଭାବେ ପତ୍ର ଲେଖି ଅନୁରୋଧ କରିଥିଲେ । ଖୁବ୍‌ଶୀଘ୍ର ହଳଦୀପଦା ଷ୍ଟେଶନରେ ଟିକେଟ ମଧ୍ୟ ବିକ୍ରି କରାଯିବ । ଉକ୍ତ ଟ୍ରେନ ହଳଦୀପଦାରେ ଅଟକିଲେ ପାଖାପାଖି ୧୧ଟି ପଞ୍ଚାୟତର ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ । ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦତ୍ତ ଧନ୍ୟବାଦ ଜଣାଇଛନ୍ତି ।

## ପାତ୍ର,ତନ୍ତି ସମ୍ପ୍ରଦାୟର ବୈଠକ

ଖୁଣ୍ଟା,୨୬।୧୦(ଦେବରଞ୍ଜନ ବେହେରା)

ଗୋପବନ୍ଧୁ ନଗର ବ୍ଲକ ଅଧୀନ ବାଲିଯୋଡ଼ା ଗ୍ରାମଠାରେ ପାତ୍ର, ତନ୍ତି ସମ୍ପ୍ରଦାୟର ବୈଠକ ଅନୁଷ୍ଠିତ ହୋଇଯାଇଛି । ନିଖିଳ ଉତ୍କଳ ପାତ୍ର, ତନ୍ତି କଲ୍ୟାଣ ସମିତି ମୟୂରଭଞ୍ଜ ଜିଲା ଶାଖାର ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଂଗଠନର ସଭାପତି ନରେନ୍ଦ୍ର ମୋହନ ପାତ୍ର, ଖୁଣ୍ଟା ବ୍ଲକ କମିଟିର ସଭାପତି ହରିଶଚନ୍ଦ୍ର ପାତ୍ର, ବାରିପଦା ବ୍ଲକର ଅରୂପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସଭାରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ପାତ୍ର, ତନ୍ତି ସମ୍ପ୍ରଦାୟର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଏକତ୍ରିତ ହୋଇଥିଲେ । ଏହି ଅବସରରେ ଗୋପବନ୍ଧୁ ନଗର ବ୍ଲକସ୍ତରୀୟ କମିଟି ଗଠନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସଭାପତି ଭାବେ ମନୋରଞ୍ଜନ ପାତ୍ର, ଉପ ସଭାନେତ୍ରୀ ଜୟନ୍ତୀ ପାତ୍ର, ସମ୍ପାଦକ ଅକ୍ଷୟ କୁମାର ପାତ୍ର, ସହ ସମ୍ପାଦକ ଶଶୀଧର ପାତ୍ର ଓ ମିଡିଆସେଲ୍ ସଂଯୋଜକ ଭାବେ କୃଷ୍ଣଚନ୍ଦ୍ର ଭଞ୍ଜ ନିର୍ବାଚିତ ହୋଇଛନ୍ତି । ବାରିପଦା ବ୍ଲକ ସଭାପତି ଅରୁପ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ ।


ବୈଠକରେ ଉପସ୍ଥିତ ପାତ୍ର, ତନ୍ତି ସମ୍ପ୍ରଦାୟର କର୍ମକର୍ତ୍ତାମାନେ ।

## ଅଂଶଗ୍ରହଣ କଲେ ମୟୂରଭଞ୍ଜର ୪୮ ଖେଳାଳି

**ରଗବୀ ଫୁଟବଲ ପ୍ରତିଯୋଗିତା**

ବାରିପଦା,୨୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗର ରଗବୀ ଫୁଟବଲ ପ୍ରତିଯୋଗିତା ଚଳିତ ମାସ ୨୭ରୁ ୨୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ-୬ଠାରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାର ୪୮ ଖେଳାଳି ଅଂଶ ଗ୍ରହଣ କରିଛନ୍ତି । ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସେମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ବାଳକ ଟିମ୍ ମ୍ୟାନେଜର ଭାବେ ଶୁଳିଆପଦା ବ୍ଲକ ଅନ୍ତର୍ଗତ ନବଜୀବନ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଙ୍ଗିଡାର ପିଇଟି ତାରିଣୀ ସେନ ନାୟକ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ବାରିପଦା ବ୍ଲକ ଅନ୍ତର୍ଗତ ଆଦାନୀ କିସ ରେସିଡେଣ୍ଟାଲ ସ୍କୁଲର ପିଇଟି ରୂପାଲୀ ସୋରେନଙ୍କ ନେତୃତ୍ୱରେ ଉକ୍ତ ଖେଳାଳିମାନେ ଯୋଗ ଦେଇଛନ୍ତି ।

୧୭ ବର୍ଷରୁ କମ୍ ବାଳକ ବିଭାଗର ଖେଳାଳିମାନେ ହେଲେ ସୋନାର ସିଂ ବେସ୍ରା, ଶିବ ସୋରେନ, ଆଚମ ଟୁଡୁ, କାହ୍ନୁ ମାଣ୍ଡି, ଦୀପକ ବେହେରା, ସାମଲ ବାସ୍କେ, ଆଶ୍ୱେଷର ମାରାଣ୍ଡି, ସାଗୁନ ସୋରେନ, ସୁବାଷ ହାଁସଦା, ଜୟରାମ ଟୁଡୁ, ଆଦିତ୍ୟ ଧୁଙ୍ଗିଆ, ରଘୁନାଥ ଟୁଡୁ ଓ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ବାସନ୍ତୀ ମୁର୍ମୁ, ଦୁଲାରୀ ମୁର୍ମୁ, ମମତା ମୁର୍ମୁ, ସୋନାଲି ମାରାଣ୍ଡି, ହିସି ଟୁଡୁ, ପାଏଲ ହାଁସଦା, ସବିତା ସୋରେନ, ପାମା ମୁର୍ମୁ, ସଲମା ସୋରେନ, ସଲମା ସୋରେନ, ମନୀଷା ସୋରେନ । ୧୪ ବର୍ଷରୁ କମ ବାଳକ ବିଭାଗରେ ବିକ୍ରମ ଦାସ, ରଜନୀକାନ୍ତ ହେମ୍ବ୍ରମ, ବିଶ୍ୱଜିତ ସୋରେନ, ବାଇଜୁ ମାରାଣ୍ଡି, ସୁନ୍ଦରମୋହନ ମାରାଣ୍ଡି, ବୁଡାନ ସିଂ ବାଇପାଇ, ବିଶାଲ ମହାନ୍ତ, ଫାଗୁ ମୁର୍ମୁ, ମନୋଜ ମୁର୍ମୁ, ବାଦଲ ନାଏକ, ଋତୁରାଜ ଟୁଡୁ, ଅତୁନ ପାଣି ଓ ବାଳିକା ବିଭାଗରେ ଅନୁପ୍ରିୟା ମୁର୍ମୁ, ଶୁଭେନା ହେମ୍ବ୍ରମ, ସୁଦର୍ଶନା କ୍ରିଷ୍ଟା ନାଏକ, ହିସି ଟୁଡୁ, ଚୁମୁକି ରାଣୀ ମୁର୍ମୁ, ସରିତା ମୁର୍ମୁ, ସାବିତ୍ରୀ ମାରାଣ୍ଡି, ସୀତା ମାରାଣ୍ଡି, ସାଲହ କିସ୍କୁ, ଶାନ୍ତିପ୍ରିୟା ମୁର୍ମୁ, ରାଜଲକ୍ଷ୍ମୀ ରାମ, ସରମଣୀ ହେମ୍ବ୍ରମ । ମୟୂରଭଞ୍ଜ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଖେଳାଳିଙ୍କ ସଫଳତା କାମନା କରାଯାଇଛି ।


ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗହଣ କରିଥିବା ମୟୂରଭଞ୍ଜର ଖେଳାଳିମାନେ ।

## ପୋଲ ତଳକୁ ବାଇକ୍ ଖସି ଆରୋହୀ ମୃତ

ପାଟଣା,( ବିର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ଶରଧାପୁର ରାସ୍ତା ପୁରୁଣିଆ ନିକଟ ଜହ୍ନେଇ ନାଳ ପୋଲ ତାଳକୁ ବାଇକ୍ ଖସି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ପାଟଣା ବ୍ଲକ୍ ଚାକୁଣ୍ଡାପାଳ ପଞ୍ଚାୟତ ଜଡ଼ିଚାତର ଗ୍ରାମର ବାବୁଲି ନାଏକ (୩୦)। ଘଟଣାରେ ଗ୍ରାମର ଗୁରୁଚରଣ ମୁଣ୍ଡା (୪୦)ଆହତ ହୋଇଛନ୍ତି। ଉଭୟ ବାଇକ ଯୋଗେ ବାଉଁଶୁଳି ପାର୍ଶ୍ୱରୁ ନିଜ ଘରକୁ ଫେରୁଥିଲେ। ବାଇକ୍ ଭାରସାମ୍ୟ ହରାଇ ପୋଲରୁ ୮ଫୁଟ ତଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁବାର ବାବୁଲିଙ୍କୁ କଟକ ସ୍ଥାନାନ୍ତର ବେଳେ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

### ସଂକ୍ଷେପରେ

## ଯୁବକଙ୍କ ଗଳାକାଟି ହତ୍ୟା

ରାଇରଙ୍ଗପୁର,୨୬।୧୦(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ବାଦାମ ପାହାଡ଼ ଥାନା ଅଧୀନ ଝଲଡୁଗୁରୀ ନିକଟସ୍ଥ ଝିପାବନ୍ଧ ଝରକା ପୋଲ ନିକଟରୁ ଗୁରୁବାର ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଖେରଣା ଗ୍ରାମ ବାଲାଦପୁର ବସ୍ତି ଅଞ୍ଚଳର ଉଦୟ ନାଥ କିସ୍କୁ (୪୧)। ତାଙ୍କ ବେକକୁ କୌଣସି ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିବା ପରେ ମୃତଦେହକୁ ପୋଲ ପାର୍ଶ୍ୱ ନିର୍ଜନ ସ୍ଥାନରେ ଫିଙ୍ଗି ଦିଆଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଏବଂ ସୁଲେଇପାଟ ଫାଣ୍ଡି ଅଧିକାରୀ ଦିଲୀପ କୁମାର ପାତ୍ର ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ଧାଙ୍ଗିଡିମୁତା ପଞ୍ଚାୟତ ସରପଞ୍ଚ ଦିଲୀପ ସୋରେନଙ୍କ ଅଭିଯୋଗ କ୍ରମେ ଥାନାରେ ହତ୍ୟା ମାମଲା (ନଂ.୧୧୭/୨୩) ରୁଜୁ ହୋଇଛି।

## ପେଟ୍ରୋଲ ଚୋରି କରି ଗିରଫ

ଭଣ୍ଡାରିପୋଖରୀ, ୨୬।୧୦ (ରବିନାରାୟଣ ଖିଲାର)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ହନୁମାନ ବାଟିକା ନିକଟରେ ଏକ ମୋଟର ସାଇକେଲରୁ ପେଟ୍ରୋଲ ଚୋରି କରି ଜଣେ ଯୁବକ ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ଏସ୍.କେ. ସୈନ ଅଖତର ବାଇକ୍‌ରେ ଭଦ୍ରକ ଅଭିମୁଖେ ଯାଉଥିଲେ। ବୁଧବାର ସନ୍ଧ୍ୟାରେ ହନୁମାନ ବାଟିକା ନିକଟରେ ତାଙ୍କ ଗାଡ଼ିରୁ ତେଲ ସରିଯିବାରୁ ସେ ସେଠାରେ ଅଟକି ଯାଇଥିଲେ। ପରେ ନିକଟରେ ଥିବା ଅନ୍ୟ ବାଇକ୍‌ରୁ ଏକ ବୋତଲରେ ପେଟ୍ରୋଲ ଟାଣୁଥିବା ବେଳେ ଗାଡ଼ି ମାଲିକ ରଞ୍ଜନ ପତି କାବୁ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା।

## କାମ ସରିନି
# ଛାତ୍ରୀନିବାସ ଛାତ ଫାଟିଲାଣି

ଖଇରା, ୨୬।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ଅର୍ଜୁନପୁର ମୌଜା ତାଳମହୁରୀ ଗ୍ରାମ ନିକଟରେ ଚାଲିଥିବା ଆଦର୍ଶ ବିଦ୍ୟାଳୟ ବାଳିକା ଆବାସିକ ଛାତ ଢଳେଇ କାର୍ଯ୍ୟ କିଛିଦିନ ତଳେ ଶେଷ ହୋଇଥିଲା। ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବେ ଛାତର ବିଭିନ୍ନ ସ୍ଥାନରେ ଫାଟ ସ୍ପଷ୍ଟ ଦେଖାଯାଉଥିବା ବେଳେ ଆଗାମୀ ଦିନରେ ଏହା ଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ ଏହି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି କରିବା ସହ ଠିକାଦାରଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଏହି ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ ପାଇଁ ୩କୋଟି ୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । କାର୍ଯ୍ୟ ଆରମ୍ଭରୁ ଅନିୟମିତତା ହୋଇ ଆସୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲେ ହେଁ ବିଭାଗୀୟ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଫାଉଣ୍ଡେଶନରେ ବାଲି ବଦଳରେ ପାହାଡ ମାଟି ଦେଇ ଫିଲିଂ କରାଯିବା, ବ୍ୟବହୃତ ଚିପ୍ସ ଓ ମେଟାଲ ନିମ୍ନମାନର ହୋଇଥିବା, ଏକ୍ସପାଏରୀ ସିମେଣ୍ଟ ବ୍ୟବହାର କରାଯାଇଥିବା ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି । ଆରମ୍ଭର ୧ବର୍ଷ ପୂରିବାକୁ ବସିଥିବା ବେଳେ ଏ ପର୍ଯ୍ୟନ୍ତ ୬୦ଭାଗ କାମ ସରିନାହିଁ । ଏହାଛଡା ଛାତର ଏକ ଅଂଶକୁ ବିନା ଢଳେଇରେ ଛାଡି ଦିଆଯାଇଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ନରେଶ କୁମାର ସିଂଙ୍କୁ ଯୋଗାଯୋଗ କରିବାରେ ସେ ଏଭଳି ଅନିୟମିତତାକୁ ଅସ୍ୱୀକାର କରିଛନ୍ତି। ବ୍ୟବହୃତ ହେଇଥିବା ଏକ ପ୍ରକାର ପଲିଥିନ ଯୋଗୁ ଏହି ଫାଟ ସୃଷ୍ଟି ହୋଇଥିବା କହିଛନ୍ତି । ଉକ୍ତ ଠିକାଦାରଙ୍କୁ କଳାତାଲିକାଭୁକ୍ତ କରା ନ ଗଲେ ହଜାର ହଜାର ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



ନିର୍ମାଣାଧୀନ ଛାତ୍ରୀନିବାସ।

# ତୈଳିକ ବୈଶ୍ୟ ସମାଜର ପ୍ରତିଭା ସମ୍ମାନ ଉତ୍ସବ

କେନ୍ଦୁଝର,୨୬।୧୦(ଦୀପକ ମିଶ୍ର/ ରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ଠାରେ ତୈଳିକ ବୈଶ୍ୟ ସମାଜର ପ୍ରତିଭା ସମ୍ମାନ ଉତ୍ସବ ବୁଧବାର ଜିଲା ତୈଳିକ ବୈଶ୍ୟ ସମାଜର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଯୋଡ଼ା ପୌର ପରିଷଦର ଚେୟାରମ୍ୟାନ ଡାକ୍ତର ଜଗଦୀଶ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ବଳରାମ ପୃଷ୍ଟି, ବସନ୍ତ ପୃଷ୍ଟି, ବସନ୍ତ ସାହୁ, ଭରତ ସାହୁ, ଅମର ବର ଖଟୁଆ ଓ ସମ୍ପାଦକ ପ୍ରଭାକର ବେହେରା ମଞ୍ଚାସୀନ ଥିଲେ। ପ୍ରତିଭା ସମ୍ମାନ ଉତ୍ସବରେ କେନ୍ଦୁଝରର ଗୌରବ ଇସ୍ରୋର ବୈଜ୍ଞାନିକ ଅଟଳ କୃଷ୍ଣ ଖଟୁଆଙ୍କୁ ମାନପତ୍ର, ଉତ୍ତରୀୟ ଓ ମା'ତାରିଣୀଙ୍କ ଫଟୋ ସହ ସମ୍ମାନିତ କରାଯାଇଥିଲା। ପରେ ତୈଳିକ ବୈଶ୍ୟ ସମ୍ପ୍ରଦାୟରୁ ଏନଆଇଆଇଟି ପରୀକ୍ଷାରେ ସଫଳତା ପାଇ ବିଭିନ୍ନ ମେଡିକାଲ କଲେଜରେ ଅଧ୍ୟୟନରତ ୧୨ କୃତୀ ସନ୍ତାନଙ୍କୁ ମାନପତ୍ର ଓ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଗଲା। ଏଥିସହ ଜିଲାରୁ ଚଳିତ ବର୍ଷ ଓଏଏସ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସୁଦେବ କୁମାର ପୃଷ୍ଟି, ପ୍ରଣବ ରଞ୍ଜନ ସାହୁ, ଆଦିତ୍ୟ ମହାପାତ୍ର, କ୍ଷେତ୍ରମୋହନ ଜଗଦୀଶ ଚନ୍ଦ୍ର ପେରେଇ, ଜ୍ୟୋତି ପ୍ରକାଶ ସାହୁ ଓ ଘନଶ୍ୟାମ ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା।




ସମ୍ମାନିତ ହୋଇଥିବା କୃତୀ ପ୍ରତିଭା ଓ ଅତିଥିମାନେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ତିହିଡ଼ି,୨୬।୧୦(ସଞ୍ଜିତ ବଳ)-ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ସୟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ମଲିକ(୭୨)ଙ୍କର ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଛି। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନିଆଯିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ମରଶରୀରକୁ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ଜିଲା ବିଜେଡି ଉପସଭାପତି ସୁରେନ୍ଦ୍ର ନାୟକ, ସମ୍ପାଦକ କମଳାକାନ୍ତ ଲେଙ୍କା, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ବିଜୟ ନାୟକ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା, ସୁଧନ୍ୱା ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ (ଅମୁଲ୍ୟ କୁମାର ଦାସ), ୨୬।୧୦

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପରିସରରେ ଗୁରୁବାର ସାମାଜିକ ଅଧିକାର ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଶିବିରରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ ଗତ ନଭେମ୍ବର ୨୦୨୨ରେ ଚୟନ କରାଯାଉଥିବା ହିତାଧିକାରୀଙ୍କୁ ୧୨୭ଟି ତିନିଚକିଆ ସାଇକେଲ, ୩୦୦ ହ୍ୱିଲର ଚେୟାର, ୩୨୦ ଶ୍ରବଣ ଯନ୍ତ୍ର ସହିତ ଆଶା ବାଡ଼ି, ୩୦୦ଟି ବାଡ଼ି ବଣ୍ଟନ କରିଛନ୍ତି।

ବାଲିଆପାଳ ବ୍ଲକ ପରିସରରେ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସାମାଜିକ ଅଧିକାର ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବାଲିଆପାଳ ବିଡିଓ ପଣ୍ଡା ଅଧ୍ୟକ୍ଷତା କରିଥିଲା। ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ବସ୍ତା ବିଧାୟକ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ମହେଶ୍ୱର ଜେନା, ସହାୟକ ଉପକରଣ ଯୋଗାଉଥିବା ସଂସ୍ଥା ଆଲିଙ୍କୋ ଭୁବନେଶ୍ୱରର ମ୍ୟାନେଜର ସଞ୍ଜୟ ମଣ୍ଡଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଔପଦାରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ

ଔପଦା, ୨୬।୧୦(ଧରିତ୍ରୀ ପଣ୍ଡା)

ଔପଦା ଭାଜପା ମଣ୍ଡଳ ପକ୍ଷରୁ 'ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ' ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ସଂଗ୍ରହ କରାଯାଇଥିବା ମାଟିକୁ ଅମୃତ କଳସରେ ଭର୍ତ୍ତି କରାଯାଇଥିଲା। ଅମୃତ କଳସକୁ ଏକ ବିରାଟ ପଟୁଆରରେ ସ୍ଥାନୀୟ ଗେଟେଶ୍ୱର ଶିବମନ୍ଦିର ନିକଟରୁ ସଭାମଞ୍ଚ ନିକଟକୁ ପାଛୋଟି ଅଣାଯାଇଥିଲା। ଔପଦା ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ମମତାରାଣୀ ମହନ୍ତ ସଭାକୁ ପରିଚାଳନା କରି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏମ୍‌ପି ଷଡ଼ଙ୍ଗୀ ସଭାରେ ଉପସ୍ଥିତ ଶତାଧିକ ନେତା ଓ କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ପାଞ୍ଚଟି ଦିଗରେ ଶପଥ ପାଠ କରାଇଥିଲେ।

# ତଦନ୍ତ ପାଇଁ ଯାଇଥିବା ପୋଲିସ ଅଟକ

ପାଟଣା,୨୬।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ରାଇଡ଼ିହା ପଞ୍ଚାୟତ ମେଦିନିପୁର ଗାଁକୁ ଗୁରବାର ସନ୍ଧ୍ୟାରେ ତଦନ୍ତ ପାଇଁ ଯାଇଥିବା ସାହାରପଡ଼ା ଫାଣ୍ଡି ପୋଲିସକୁ ଗ୍ରାମବାସୀ ଅଟକ ରଖିଛନ୍ତି। ସନ୍ଧ୍ୟା ୬ ଟାରୁ ରାତି ୯ ଟା ୩୦ ପର୍ଯ୍ୟନ୍ତ ପୋଲିସ ଗାଡ଼ିକୁ ଅଟକ ରଖିଥିବା ବେଳେ ବୁଝାସୁଝା ପରେ ଛାଡ଼ିଥିଲେ। ଗ୍ରାମର ତନ୍ମୟ ନାଏକ ତାଙ୍କ ଭେରାଇଟି ଷ୍ଟୋରରେ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗ କରି ୩୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏକତ୍ରିତ ହୋଇଥିଲେ। ଉତ୍ୟକ୍ତ ଲୋକେ ତନ୍ମୟଙ୍କ ସ୍ତ୍ରୀ ଝରଣା ନାୟକଙ୍କୁ ପିଟି ଲହୁଲୁହାଣ କରି ଦେଇଥିଲେ। ଝରଣାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରିବାକୁ ଗାଁକୁ ଯାଇଥିବା ବେଳେ ଲୋକେ ରାତିରେ କାହିଁକି ଆସିଛ କହି ପୋଲିସ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି, ଗ୍ରାମବାସୀ ଅଟକ ରଖି ନ ଥିଲେ। ପୋଲିସକୁ ଦେଖି ଏକତ୍ରିତ ହୋଇଥିଲେ।




